### ଗାଁ ଖଳା ସ୍ଥାନ ପରିବର୍ତ୍ତନ ପାଇଁ ଦାବିପତ୍ର

ରେଢ଼ାଖୋଲ,(ଡି.ଏନ୍.ଏ.): ରେଢ଼ାଖୋଲ ଉପଖଣ୍ଡର ନାକ୍ଟିଦେଉଳ ଗ୍ରାମରେ ପ୍ରସ୍ତାବିତ ଗାଁ ଖଳା ନିର୍ମାଣକୁ ଗ୍ରାମବାସୀ ବିରୋଧ କରି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ବିଡିଓଙ୍କଠାରେ ସ୍ଥାନ ପରିବର୍ତ୍ତନ ଦାବି କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ପ୍ରସ୍ତାବିତ ଗାଁ ଖଳା ସ୍ଥାନର ଚତୁଃପାର୍ଶ୍ୱରେ ଜଙ୍ଗଲ ଥିବାବେଳେ ହାତୀ ଚଲାପଥ। ଗ୍ରାମବାସୀ ଏହି ରାସ୍ତା ଦେଇ ଜଙ୍ଗଲକୁ ଯିବାଆସିବା ସହ ଶଗଡ ନେଇ କାଠ ଆଣିବାକୁ ଯାଇଥାନ୍ତି। ସେହି ସ୍ଥାନରେ ଖଳା ନିର୍ମାଣ କରାଗଲେ ଅସୁବିଧା ହେବ। ତେଣୁ ଖଳା ନିର୍ମାଣ ସ୍ଥାନ ପରିବର୍ତ୍ତନ ନେଇ ନାକ୍ଟିଦେଉଳ ଗ୍ରାମ୍ୟ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ବାଲ୍ମିକି ବିଶି, ସମିତିସଭ୍ୟ ସୁଦର୍ଶନ ସାହୁ, ପ୍ରସନ୍ନ ମହାନନ୍ଦ, ପୀତାମ୍ବର ନାୟକ, ରବୀନ୍ଦ୍ର ଧଳ ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଦିଆଯାଇଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଅତିକ୍ଷୁଦ୍ର ନାଟକ ପ୍ରତିଯୋଗିତା, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ଅପରାହ୍ନ ୨ଟା ।
- ବିଶ୍ୱ ନାଟ୍ୟ ଦିବସ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା ।

## ସଂକ୍ଷେପରେ

### ଦୁଇ ସନ୍ତାନ ଆଇନ ଆଣିବାକୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର

ସମ୍ବଲପୁର, ୨୬।୩ (ବ୍ୟୁରୋ): ଦୁଇ ସନ୍ତାନ ଆଇନ ପ୍ରଣୟନ ନେଇ ଶୁକ୍ରବାର ସମ୍ବଲପୁର ଜିଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ କର୍ମକର୍ତ୍ତା ଓ ସଭ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦେଶକୁ ସୁରକ୍ଷିତ ରଖିବାକୁ ହେଲେ କୋଠର ଜନ୍ମ ନିୟନ୍ତ୍ରଣ ଆଇନ ପ୍ରଣୟନ କରିବା ଜରୁରୀ। ତେଣୁ ସମସ୍ତ ନାଗରିକ ଦୁଇଟି ସନ୍ତାନ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ଏହାଦ୍ୱାରା ସମସ୍ତେ ଉପଯୁକ୍ତ ସ୍ୱାସ୍ଥ୍ୟ, ଶିକ୍ଷା ଓ ଖାଦ୍ୟ ପାଇପାରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଜିଲା ସଭାପତି ମିଳନ କୁମାର ମହାରଣା, ରାଜ୍ୟ ଉପସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଓ ସାଧାରଣ ସମ୍ପାଦିକା ସ୍ନେହଲତା କୁମାରୀ ଦେବୀ, ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ଥିଲେ।

### ସମ୍ବଲପୁରୀ ଭାଷା ପ୍ରାଚୀନ, ଐତିହାସିକ

ସମ୍ବଲପୁର, ୨୬।୩ (ବ୍ୟୁରୋ): ସମ୍ବଲପୁରୀ ଭାଷା ପ୍ରାଚୀନ ଓ ଐତିହାସିକ। ଓଡ଼ିଶା ସରକାର ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ଭାଷାର ମର୍ଯ୍ୟାଦା ଦେବା ଜରୁରୀ। ନଚେତ ଆଗାମୀ ଦିନରେ ହୀରାଖଣ୍ଡ ରାଜ୍ୟ ଲାଗି ଆନ୍ଦୋଳନ ହେବ। ଗୁରୁବାର ରାତିରେ ଓଡିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ଭାଷା ସମ୍ବଲପୁରୀ ଓ ରାଜ୍ୟ ହୀରାଖଣ୍ଡ ଶୀର୍ଷକ ଆଲୋଚନା ସଭାରେ ଏହି ମତ ପ୍ରକାଶ ପାଇଛି। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଉପସଭାପତି ବିଶ୍ୱମ୍ଭର ବହିଦାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉପସଭାପତି ଡ. ପରେଶ ଚନ୍ଦ୍ର ଦାନି ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ହରିଶଙ୍କର ପଣ୍ଡା ସୂଚନା ଦେଇଥିଲେ। ସଭାରେ ବିଭିନ୍ନ ଅଞ୍ଚଳର ସାଂସ୍କୃତିକ, ସାମାଜିକ, କ୍ରୀଡା ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

### ମାନେଶ୍ୱର ବ୍ଲକରେ କିଶୋରୀକିଶୋରଙ୍କ ମେଳା

ସମ୍ବଲପୁର, ୨୬।୩ (ବ୍ୟୁରୋ): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବଡେମୁରା ଗ୍ରାମରେ କିଶୋରୀକିଶୋରଙ୍କୁ ନେଇ ମେଳା ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ସିଡିପିଓ ମିତା ଶର୍ମା, ସଚ୍ଚିଦାନନ୍ଦ ମିଶ୍ର, ଭୂମିସୂତା ସାହୁ, ବଡେମୁରା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ୟାରିୟର, ଜେଣ୍ଡର, ପୁରୁଷତନ୍ତ୍ର, ବାଲ୍ୟ ବିବାହ, ଶିଶୁ ଅଧିକାର, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ଏଚ୍ଆଇଭି, ନିଶା ନିବାରଣ, ପୁଷ୍ଟିକର ଖାଦ୍ୟ, ରକ୍ତହୀନତା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। କିଶୋରୀମାନଙ୍କ ହିମୋଗ୍ଲୋବିନ ସ୍ତରର ପରୀକ୍ଷା କରାଯାଇଥିଲା। ବଡେମୁରା ଓ ମହୁଲପାଲି ଗ୍ରାମର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଡେମୁରା ଅଙ୍ଗନୱାଡି କର୍ମୀ ଓ ସହାୟକ, ଚାଇଲ୍ଡ ଲାଇନ କର୍ମଚାରୀ, ଗ୍ରାମ ବିକାଶ ସଂଗଠନ ପ୍ରମୁଖ ସହଯୋଗ କରିଥିଲେ।

### ଫାଟକ ଷ୍ଟେଶନକୁ ଐତିହ୍ୟ ଷ୍ଟେଶନ କରିବା ଦାବି

ସମ୍ବଲପୁର, ୨୬।୩ (ବ୍ୟୁରୋ): ସମ୍ବଲପୁର ରୋଡ୍ (ଫାଟକ) ଷ୍ଟେଶନରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓହ୍ଲାଇଥିଲେ। ୧୨୮ ବର୍ଷର ଷ୍ଟେଶନକୁ ଐତିହ୍ୟ ଭାବେ ଘୋଷଣା କରିବାକୁ ଦାବି ଉଠିଛି। ଏ ନେଇ ସମ୍ବଲପୁର ସଚେତନ ନାଗରିକ କମିଟି ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ରେଳ କର୍ତ୍ତୃପକ୍ଷ ନିଷ୍ପତ୍ତି ପ୍ରତ୍ୟାହାର କରିବେ ନାହିଁ, ତେବେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ପଣ୍ଡା, ସୁରେଶ୍ୱର ମିଶ୍ର, ପ୍ରଦୀପ ବହିଦାର, ଅନନ୍ତ ହୋତା ସାମିଲ ଥିଲେ।

# ଜଳ ଯୋଗାଣ ଅପେକ୍ଷାରେ ଲୋକେ

ସମ୍ବଲପୁର, ୨୬।୩ (ବ୍ୟୁରୋ)

- ଅମୃତ ଯୋଜନାର ସଫଳତା ନେଇ ପ୍ରଶ୍ନ
- ଶେଷ ହୋଇପାରୁ ନାହିଁ ପ୍ରକଳ୍ପ
- ୪ ବର୍ଷ ହେଲା ଚାଲିଛି ପାଇପ୍ ବିଛା କାମ

ପ୍ରତି ଘରକୁ ପାଣି ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ହୋଇଥିବା ଯୋଜନା ଫେଲ୍ ମାରୁଛି। ଫଳରେ ବର୍ଷତମାମ ପାଣି ସମସ୍ୟା ଦୂର ହେବା ଆଶା ପୂରଣ ହୋଇପାରୁ ନାହିଁ। ଜିଲାର ବିଭିନ୍ନ ସ୍ଥାନରେ ଅମୃତ ଯୋଜନାରେ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ସମ୍ବଲପୁର ମହାନଗର ନିଗମର ୪୦ନଂ. ୱାର୍ଡ ମାନେଶ୍ୱର ସମେତ ଆଖପାଖ ୧୦ରୁ ଅଧିକ ଗ୍ରାମରେ ପ୍ରାୟ ୪ବର୍ଷ ହେଲା ପାଇପ୍ ବିଛାଇବା କାମ ଚାଲିଛି। କେତେକ ଗ୍ରାମରେ ପାଇପ୍ ସଂଯୋଗ କରି ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ବସାଯାଇଛି। ହେଲେ ଜଳ ଯୋଗାଣ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ।

ମାନେଶ୍ୱର ମାଳତି ନଦୀରୁ ପାଣି ଉଠାଇ ଏହାକୁ ବିଶୋଧନ ପରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପମ୍ପ ହାଉସ୍, ବିଦ୍ୟୁତ୍ ଟ୍ରାନ୍ସଫର୍ମର କାମ ସମ୍ପୂର୍ଣ୍ଣ ହୋଇଛି। ବିଭାଗ ପକ୍ଷରୁ ସ୍ଥାନୀୟ ଲୋକମାନଙ୍କୁ ମାର୍ଚ୍ଚ ପହିଲାରୁ ପାଣି ଯୋଗାଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଠିକାଦାରଙ୍କ ମନମୁଖି କାମ ଓ ବିଭାଗୀୟ ଅବହେଳା ପାଇଁ ଏଭଳି ସମସ୍ୟା ହେଉଥିବା ମାନେଶ୍ୱରବାସୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ମାନେଶ୍ୱର ଅଞ୍ଚଳରେ ଡିପ୍ ବୋରୱେଲ ଓ କୂଅଗୁଡିକରୁ ପାଣି ଖରାରେ ଶୁଖିଯାଇଥାଏ। କେତେକ ସ୍ଥାନରେ ଭୂତଳ ଜଳସ୍ତର ରହୁ ନ ଥିବାରୁ ଡିପ୍ ବୋରୱେଲ ଖୋଳିଲେ ମଧ୍ୟ ପାଣି ବାହାରୁ ନାହିଁ। ମାଳତି ନଦୀରୁ ପାଣି ଯୋଗାଇବା ଯୋଜନା ହେବା ପରେ ବେଶ୍ ଉତ୍ସାହ ରହିଥିଲା। ହେଲେ ୪ବର୍ଷ ବିତିଯାଇଥିଲେ ମଧ୍ୟ ଜଳ ଯୋଗାଣ ହୋଇପାରିଲା ନାହିଁ। ଚଳିତବର୍ଷ ଅତ୍ୟଧିକ ତାପମାତ୍ରା ରହିବା ନେଇ ପୂର୍ବରୁ ସୂଚନା ଦିଆଯାଇଛି। ତେଣୁ ଖୁବ୍‌ଶୀଘ୍ର ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉ। ସେ ପର୍ଯ୍ୟନ୍ତ ମହାନଗର ନିଗମ ପକ୍ଷରୁ ଟ୍ୟାଙ୍କର ଯୋଗ ପାଣି ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ କହିଛନ୍ତି ଯେ, କାମ ପ୍ରାୟ ସରିଯାଇଛି। କେତୋଟି ସ୍ଥାନରେ ଟେକ୍ନିକାଲ ସମସ୍ୟା ରହିଛି। ତାହାର ସମାଧାନ କରିବାକୁ ଚେଷ୍ଟା କରାଯାଉଛି। ଆବଶ୍ୟକ ଯନ୍ତ୍ରପାତି କିଣା ସରିଛି। ଠିକାଦାରଙ୍କୁ ଏପ୍ରିଲ ସୁଦ୍ଧା କାମ ସାରିବାକୁ ତାଗିଦ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପ ଦ୍ୱାରା ମାନେଶ୍ୱର ହାଲ୍ଲିପାଲି, ବ୍ରାହ୍ମଣୀପାଲି, ମିର୍ଗାମୁଣ୍ଡା, ଚାନ୍ଦମୁଣ୍ଡା, ଗୁରୁପାଲି, ସୁଡୁଙ୍ଗା, ରାଣନପୁର, ଭୋଇପାଲି ସହିତ ୩୯, ୩୮, ୩୭ନଂ. ୱାର୍ଡର କେତେକ ଗ୍ରାମର ଜନସାଧାରଣ ଉପକୃତ ହେବେ।


ମାନେଶ୍ୱରଠାରେ ଅମୃତ ଯୋଜନାରେ ନିର୍ମାଣାଧୀନ ପ୍ରକଳ୍ପ।

# ଭିମ୍‌ସାର କଲେଜ ପରିସରରୁ ଚୋରି

ସମ୍ବଲପୁର, ୨୬।୩ (ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାର କଲେଜ ପରିସରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି।ଏଫ୍‌ଏମ୍‌ଟି, ପାଥୋଲୋଜି, ମାଇକ୍ରୋବାଇଲୋଜି, ଆନୋଟୋମି ବିଭାଗ କୋଠରୀର ପ୍ରାୟ ୨୫ ତାଲା ଭଙ୍ଗାଯାଇ ୨ ଲାପ୍‌ଟପ, ୧ ପ୍ରୋଜେକ୍ଟର ମେଶିନ ଚୋରି ହୋଇଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ପ୍ରଦିପ ମହାନ୍ତି ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଥାନାରେ କେସ୍ ନଂ.୧୧୪/୨୧ରେ ମାମଲା ରୁଜୁ ହୋଇଛି। ବୁର୍ଲା ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି, ଶୁକ୍ରବାର ସକାଳେ କଲେଜରୁ ଚୋରି ହୋଇଥିବା ନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେ ସମୟରେ କାର୍ଯ୍ୟରତ ସୁରକ୍ଷା କର୍ମୀ ଓ ୱାଚରଙ୍କୁ ପଚରାଉଚୁରା କରାଯାଇଛି। କେତେକ ସ୍ଥାନରେ ସିସିଟିଭି ଅଚଳ ଯୋଗୁ ସାହଯ୍ୟ ନେଇ ହେଉନାହିଁ। ତଥାପି ସୁରାକ ମିଳିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ପୂର୍ବରୁ ରୋଗୀ ଓ ସମ୍ପର୍କିୟଙ୍କ ଫୋନ ଓ ଅନ୍ୟ ସାମଗ୍ରୀ ଚୋରୀ ହେବା ନେଇ ନଜିର ରହିଛି। ଫଳରେ ଭିମ୍‌ସାରର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଚୋରୀକୁ ନେଇ ଅଭିଯୋଗ ହୋଇଛି। ସୁରକ୍ଷା କର୍ମୀମାନଙ୍କୁ ପୋଲିସ ପଚରାଉଚୁରା କରୁଛି। ଆଗକୁ ଆହୁରି ସୁରକ୍ଷା କର୍ମୀ ନିୟୋଜିତ କରାଯିବ।

# ବୁଢ଼ାପାଲ ଫ୍ରେଣ୍ଡ୍ସ କ୍ଲବ ବିଜୟୀ


ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ୍ ମ୍ୟାଚ୍‌ର ସପ୍ତମ ଦିବସରେ ଖେଳାଳିଙ୍କ ସହ ଅତିଥି।

ଦେବଗଡ଼, ୨୬।୩ (ଡି.ଏନ୍.ଏ.)

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟଠାରେ ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ୍ ମ୍ୟାଚ୍ ଶୁକ୍ରବାର ସପ୍ତମ ଦିବସରେ ପହଞ୍ଚିଛି। ମ୍ୟାଚ୍ ବାରକୋଟ କ୍ରିକେଟ କ୍ଲବ ଓ ବୁଢାପାଳର ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାରକୋଟ କ୍ରିକେଟ କ୍ଲବକୁ ୧୯୫ ରନରେ ପରାସ୍ତକରି ବୁଢାପାଳର ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ବିଜୟୀ ହୋଇଛି। ବୁଢାପାଳ ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ୨୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୫୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପ୍ରଧାନ ସର୍ବାଧିକ ୭୨ ରନ (୬୧ବଲ) ସଂଗ୍ରହ କରିଥିଲେ। ବାରକୋଟ କ୍ରିକେଟ କ୍ଲବର ବୋଲର ନୁରଜାହାନ ପ୍ରଧାନ ସର୍ବାଧିକ ୫ଟି ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ବାରକୋଟ କ୍ରିକେଟ କ୍ଲବ ବ୍ୟାଟିଂକରି ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୫ ରନ ସଂଗ୍ରହ କରିବା ସହ ୧୯୫ ରନରେ ପରାସ୍ତ ହୋଇଥିଲା । ବୁଢାପାଳ ଫ୍ରେଣ୍ଡ୍ସ କ୍ରିକେଟ କ୍ଲବର ବୋଲର ହରିଚନ୍ଦନ ଭୋଇ ସର୍ବାଧିକ ୫ଟି ଉଇକେଟ ହାସଲ କରିଥିଲେ । ୫ଟି ଉଇକେଟ ହାସଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ବୁଢାପାଳ ଫ୍ରେଣ୍ଡ୍ସ କ୍ଲବର ବୋଲର ହରିଚନ୍ଦନ ଭୋଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜିଲା କ୍ରିକେଟ ଆସୋସିଏଶନ୍‌ର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଜିର ମ୍ୟାଚକୁ ଅମ୍ପାୟାର ଭାବେ ଦିଲ୍ଲୁ ଦାଶଭାୟା ଓ ଦୀପକ ପଟେଲ ପରିଚାଳନା କରିଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନର ପ୍ରତିନିଧି ଭାବେ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ।

# ଝାରସୁଗୁଡ଼ା ସହରରେ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୨୬।୩

ଝାରସୁଗୁଡ଼ା ସହରର ପାନୀୟ ଜଳ ଯୋଗାଣ, ଡ୍ରେନେଜ ଓ ସ୍ୱେରେଜ ଆଦି ସୁପରିଚାଳନା ନେଇ ଭୁବନେଶ୍ୱରରେ ଶୁକ୍ରବାର ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଜିଲାପାଳ ସରୋଜ କୁମାର ସାମଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି, ବିଭାଗୀୟ ମୁଖ୍ୟଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସହରକୁ ପାନୀୟ ଜଳ ଯୋଗାଣ ୨୦୨୨ ମାର୍ଚ୍ଚ ମଧ୍ୟରେ ସାରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ସହରବାସୀ ୨୪ ଘଣ୍ଟିଆ ବିଶୁଦ୍ଧ ଜଳ ପାଇବେ ବୋଲି କୁହାଯାଇଛି। ସେହିପରି ଡ୍ରେନେଜ ବ୍ୟବସ୍ଥା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ବର୍ଜ୍ୟଜଳକୁ ଟ୍ରିଟ୍‌ମେଣ୍ଟ କରି ନିଷ୍କାସନ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଝାରସୁଗୁଡା ସହରକୁ ପାନୀୟ ଜଳ ଯୋଗାଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବରାଦ କରାଯାଇଛି। ବ୍ରଜରାଜନଗର ଓ ବେଲପାହାଡ ସହର ପାଇଁ ୨୪ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି।


ବୈଠକରେ ଉପସ୍ଥିତ ଥିବା ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ।

### ରେଳ ମଣ୍ଡଳରେ ୬୫ତମ ରେଳ ସପ୍ତାହ

ସମ୍ବଲପୁର, ୨୬।୩ (ବ୍ୟୁରୋ)

ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳର ୬୫ତମ ରେଳ ସପ୍ତାହ ଶୁକ୍ରବାର ରେଳବାଇ କମ୍ୟୁନିଟି ହଲ୍‌ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗର ୧୧୬ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି, ପୂର୍ବତଟ ରେଳବାଇ ମହିଳା ସଂଗଠନ ସମ୍ବଲପୁର ଶାଖା ଅଧକ୍ଷା ଇଷା ମଲ୍ଲିକ, ଉପାଧକ୍ଷା ସ୍ୱର୍ଣ୍ଣଲତା ପାତ୍ରୁଡୁ ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ପ୍ରବନ୍ଧକ କହିଥିଲେ ଯେ, ଜୋନାଲ ସ୍ତରରେ ସମ୍ବଲପୁର ୭ଟି ସିଲ୍ଡ ହାସଲ କରିଛି। ବିଭିନ୍ନ ଷ୍ଟେଶନରେ ୮ଟି ଫୁଟ୍ ଓଭରବ୍ରିଜ ନିର୍ମାଣ ହୋଇଛି। ୧୪ ଷ୍ଟେଶନର ସମ୍ମୁଖ ଭାଗ ନବୀକରଣ କରାଯାଇଥିବା ବେଳେ ୫୧ ଷ୍ଟେଶନରେ ୱାଇଫାଇ ସଂଯୋଗ କରାଯାଇଛି। ବରିଷ୍ଠ କାର୍ମୀକ ଅଧିକାରୀ ଜୁସୁଫ କବୀର ଅଂସାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହାୟକ କାର୍ମୀକ ଅଧିକାରୀ ସୋଭିକ ସାହା ଧନ୍ୟବାଦ ଦେଇଥିଲେ।

### ଆଦିବାସୀ ଦଳିତ ସେନାର ବୈଠକ

ସମ୍ବଲପୁର, ୨୬।୩ (ବ୍ୟୁରୋ)

ଆଦିବାସୀ ଦଳିତ ସେନାର ଜରୁରୀ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଦିବାସୀ ଦଳିତ ସେନା ସଭାପତି ପ୍ରଶାନ୍ତ କୁମାର ହାଓ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ମାଇକେଲ ଲାକ୍ରା, ପି ମିଞ୍ଜ, ଜେ ଓରାମ, ସୂର୍ଯ୍ୟକାନ୍ତ ବେରିହା ଯୋଗଦେଇଥିଲେ। ସମ୍ପ୍ରତି ଐତିହାସିକ ଫାଟକ ଷ୍ଟେଶନ ବନ୍ଦ ଲାଗି ରେଲ୍‌ୱେ ନିର୍ଦ୍ଦେଶ ଦେଇଛି। ଆଗାମୀ ଦିନରେ ଏହାକୁ ଦୃଢ ଭାବେ ବିରୋଧ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି।

# ଚାଷୀଙ୍କ ଦ୍ୱାରା ଜାତୀୟ ରାଜପଥ ଅବରୋଧ

ଦେବଗଡ଼, ୨୬।୩ (ଡି.ଏନ୍.ଏ.)

ସର୍ବ ଭାରତୀୟ କୃଷକ ସଂଘ ଏବଂ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଭାରତ ବନ୍ଦ ଡାକରାକୁ ସମର୍ଥନ କରି ଦେବଗଡ ଜିଲା କୃଷକ ସଂଘ ପକ୍ଷରୁ ଶୁକ୍ରବାର ବନ୍ଦ ପାଳନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ୩ଟି କଳା କୃଷି ଆଇନ ପ୍ରତ୍ୟାହାର, ପେଟ୍ରୋଲିୟମ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦ ସହ ଚାଷୀମାନଙ୍କ ସମୟ ଅବଧି ସରିଯାଇଥିବା ଟୋକନର ପୁନଃ ନବୀକରଣ ଦାବି କରାଯାଇଥିଲା। ସକାଳ ୬ଟାରୁ ଦେବଗଡ ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର, ଅମରେନ୍ଦ୍ର ଗଙ୍ଗଦେବ, ସୁଧିର କପରଦାର, ଭୂପେନ୍ଦ୍ର ପ୍ରସାଦ ନାୟକ, ବିକାଶ କୁମାର ପ୍ରଧାନ, ସଂଗ୍ରାମ ଜିତ କୁଅଁର, ଅମିୟ କୁମାର ମିଶ୍ର, ଚନ୍ଦ୍ରଶେଖର ଭୁକ୍ତା ଓ ବିକାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବହୁ ଚାଷୀ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ ଛକଠାରେ ଅବରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେମାନେ ପିକେଟିଂ କରିବାରୁ ଦେବଗଡ ଜିଲା ସଦର ମହକୁମାସ୍ଥିତ ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପୋଷ୍ଟ ଅଫିସ ଓ କୋର୍ଟ କଚେରୀ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବାରକୋଟ ବ୍ଲକରେ ଜିଲା କୃଷକ ସଂଘର ଉପସଭାପତି ବିନୋଦ ବିହାରୀ ନାୟକ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଗଣନାଥ ମହାପାତ୍ର, କୃତାର୍ଥ ସାହୁ ଓ ରଣଦୀପ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ତିଲେଇବଣି ବ୍ଲକରେ ଉପେନ୍ଦ୍ର କୁମୁରା, ପ୍ରମୋଦ କୁମାର ସାହୁ, ବିନୋଦ ବିହାରୀ ନାୟକ ଓ ସୁଶୀଳ କୁମାର କିଷାନ ନେତୃତ୍ୱ ନେଇଥିଲେ। ରିଆମାଳ ବ୍ଲକରେ ସନ୍ତୋଷ କୁମାର ସାହୁ ନେତୃତ୍ୱ ନେଇଥିଲେ।



୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି ।

# ଓଡ଼ିଶା ଦିବସ ପାଇଁ ଗାଇଡ୍‌ଲାଇନ ଜାରି

ସମ୍ବଲପୁର,୨୬।୩ (ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏପ୍ରିଲ ୧ ଓଡ଼ିଶା ଦିବସ ପାଳନ ପାଇଁ ସମ୍ବଲପୁର ଜିଲା ପ୍ରଶାସନ ଗାଇଡ୍‌ଲାଇନ ଜାରି କରିଛି। ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରାଯାଇଛି। ଏହାସହ ଅତି କମ୍ ଉପସ୍ଥାନରେ ଏହି ଦିବସ ପାଳନ କରିବାକୁ ସ୍ଥିର ହୋଇଛି। ଘରୋଇ କମ୍ପାନୀ, ଅନୁଷ୍ଠାନ କିମ୍ବା ସାମାଜିକ ଅନୁଷ୍ଠାନ ଓଡ଼ିଶା ଦିବସ ପାଳନ କରିବା ଉପରେ ରୋକ ଲଗାଯାଇଛି। ଯଦି କୌଣସି ଅନୁଷ୍ଠାନ ପାଳନ କରିବାକୁ ଚାହିଁବେ ସେମାନେ ପୂର୍ବରୁ ଜିଲାପାଳ କିମ୍ବା ମହାନଗର ନିଗମ କମିଶନରଙ୍କ ପାଖରୁ ଅନୁମତି ନେବେ। ସରକାରୀ ଓ ବେସରକାରୀ ସ୍ତରରେ ଯଦି କୌଣସି ସ୍ଥାନରେ କଟକଣା ପାଳନ ହେଉ ନ ଥିବ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ମାର୍ଚ୍ଚ ୨୩ରେ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଥିଲେ। ସେଥି ମଧ୍ୟରୁ କେତୋଟି କାର୍ଯ୍ୟକ୍ରମ ପ୍ରଶାସନ ଏବେ ବାତିଲ କରିଛି।

# ରାଜପଥ ଅବରୋଧ, ଅଟକିଲା ଯାନବାହନ

ସମ୍ବଲପୁର,୨୬।୩ (ବ୍ୟୁରୋ)

- କୃଷି ଆଇନକୁ ବିରୋଧ
- ସରକାରୀ ଅଫିସ, ଘରୋଇ ଅନୁଷ୍ଠାନ ବନ୍ଦ
- ଆର୍‌ଡିସି ଅଫିସରେ ଟ୍ରେଡ୍ ୟୁନିୟନର ଧାରଣା

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତୀୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଦେଇଥିବା ଭାରତ ବନ୍ଦ ଡାକରାକୁ ଜିଲା କୃଷକ ସଂଗଠନ ଓ ବିଭିନ୍ନ ଅନୁଷ୍ଠାନ ସମର୍ଥନ କରି ଆନ୍ଦୋଳନ କରିଥିଲେ। ଚାଷୀମାନେ ୫୩ନଂ. ଜାତୀୟ ରାଜପଥର ବରେଇପାଲି ମାର୍କେଟୟାର୍ଡ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଏହା ଦ୍ୱାରା ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସଭା ସ୍ଥଳରେ ବିକ୍ଷୋଭ କରି ଆନ୍ଦୋଳନକାରୀ କୃଷି ଆଇନ ବିରୋଧୀ ନାରା ଦେଇଥିଲେ। ଏହି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସହ ଦେଶର ବିଭିନ୍ନ ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରିଆସୁଛନ୍ତି। ହେଲେ ଚାଷୀମାନଙ୍କୁ ବିଭିନ୍ନ ଉପାୟରେ ଭୟଭୀତ ସହ ବଦ୍‌ନାମ କରାଯାଉଛି। ଜିଲା କୃଷକ ସଂଗଠନର ଉପସଭାପତି ହରିଶଙ୍କର ପୁରୋହିତ, ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ସ୍ଥାନୀୟ କୃଷକ ସଂଗଠନ ସଭାପତି ଅଶ୍ୱିନୀ ପୃଷେଠଙ୍କ ସମେତ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ଅଶ୍ୱିନି ଗୁରୁ ଆନ୍ଦୋଳନ ସ୍ଥଳକୁ ଯାଇ ସମର୍ଥନ କରିଥିଲେ। ସେହିପରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସମ୍ବଲପୁର କର୍ମଚାରୀ ସଂଘ ମିଳିତ ଭାବେ ଆର୍‌ଡିସି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଗୋକୁଳ ମେହେର, ଏନ୍ ନାଟୁ ଗୋପାଳ, ମହେଶ୍ୱର ଷଣ୍ଢ, ରବୀନ୍ଦ୍ର ମହାନ୍ତି, ଇନ୍ଦ୍ରଜିତ ତାଣ୍ଡି, କମ୍ୟୁନିଷ୍ଟ ନେତା ଅଶୋକ ବିଶି ପ୍ରମୁଖ ଉପସ୍ଥିତ ରହି ସରକାର ବିରୋଧରେ ବର୍ଷିଥିଲେ। ଜିଲାରେ ସରକାରୀ ଓ ଘରୋଇ ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। ହେଲେ କେତେକ ସ୍ଥାନରେ ଦୋକାନ ବଜାର ଖୋଲା ରହିଥିଲା।


୫୩ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଛି ।

## ଝାରସୁଗୁଡ଼ାରେ ଭାରତ ବନ୍ଦକୁ ସମର୍ଥନ

ଝାରସୁଗୁଡ଼ା ଅଫିସ୍,୨୬।୩

କେନ୍ଦ୍ର ସରକାରଙ୍କ ୩ ନୂଆ କୃଷି ଆଇନକୁ ବିରୋଧକରି ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ ଜଣାଇ ଝାରସୁଗୁଡା ଜିଲା କୃଷକ ସଙ୍ଗଠନ ନେତୃତ୍ୱରେ ଜିଲାରେ ବନ୍ଦ ପାଳନ ହୋଇଥିଲା। ଏଥିରେ କଂଗ୍ରେସ, କମ୍ୟୁନିଷ୍ଟ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି, ପ୍ରଗତି ଦଳ ଓଡିଶା, କୋଶଳ କ୍ରାନ୍ତି ଦଳ, ଏଆଇଟିୟୁସି, ସିଆଇଟିୟୁ, ପ୍ରଗତିଶୀଳ ଶ୍ରମିକ ମଞ୍ଚ, ଆଦିବାସୀ ସଂଘ, ଲୋକମୁକ୍ତି ସଙ୍ଗଠନ ସାମିଲ ହୋଇଥିଲେ। କର୍ମକର୍ତ୍ତାମାନେ ବିଭିନ୍ନ ଅଞ୍ଚଳରେ ପିକେଟିଂ କରି ଦୋକାନ ବଜାର, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ। ଝାରସୁଗୁଡା ଷ୍ଟେଶନ ଛକ, ବସ୍‌ଷ୍ଟାଣ୍ଡ ଛକ ଓ ୪୯ନଂ ଜାତୀୟ ରାଜପଥ ପ୍ରସନ୍ନ ପଣ୍ଡା ଛକରେ ଆନ୍ଦୋଳନକାରୀ ଧାରଣାରେ ବସିଥିଲେ। ଲଖନପୁର ବ୍ଲକ୍‌ବେହେରାଗୁଡା ଛକ ୪୯ନଂ. ଜାତୀୟ ରାଜପଥ, କୋଲାବିରା ବ୍ଲକ୍ ବଡବାହାଲ ସମାସିଂହା ଓ ଲଇକେରା ବ୍ଲକ୍, ବନ୍ଧବାହାଲ ଶିଳ୍ପାଞ୍ଚଳରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଥିଲେ। ଜିଲା କୃଷକ ସଙ୍ଗଠନ ସାଧାରଣ ସମ୍ପାଦକ ସୁରେନ୍ଦ୍ର ସାହୁ ଆବାହକ ବିଜୟ ଦାସ, ମହାସଚିବ ହେମନ୍ତ ସାଗର କୁମୁରା, ପ୍ରବକ୍ତା ବିରଞ୍ଚି ସାହୁ, ଉପଦେଷ୍ଟା ଟୁଲେଶ୍ୱର ପଟେଲଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା।



ଝାରସୁଗୁଡ଼ାରେ ଆନ୍ଦୋଳନରେ ସାମିଲ ହୋଇଥିବା କର୍ମକର୍ତ୍ତା।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ମାର୍ଚ୍ଚ, ୨୦୨୧



**ବ୍ଲକସ୍ତରୀୟ ଶିଶୁ ସମ୍ପର୍କ ଶିବିର**

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳଠାରେ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ମାଧ୍ୟମରେ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ମା' ବାପା ମୃତ ହୋଇଥିବା ୧୮ ବର୍ଷରୁ କମ ବୟସର ଶିଶୁମାନଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିଶୁ କଲ୍ୟାଣ ସମିତିରେ ଉପସ୍ଥିତ କରାଇବା ଉଦ୍ଦେଶ୍ୟରେ ବ୍ଲକସ୍ତରୀୟ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୬୦ଜଣ ଛାତ୍ରୀଛାତ୍ର ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୫୦ଜଣ ଶିଶୁଙ୍କୁ ଚିହ୍ନଟ କରି ଅନୁମୋଦନ କରାଯାଇଥିଲା। ଶିବିରରେ ଶିଶୁ ବିକାଶ ଅଧିକାରୀ ବଳଦେବ ରଥ, ଶିଶୁ କଲ୍ୟାଣ ସମିତି ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ଓ ପ୍ରକାଶ ସେନାପତି ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଜିଲାର ୩ ସହରରେ ନୋ ଏଣ୍ଟ୍ରି ଜୋନ ଲାଗୁ

**ଖଡିଆଳ, ୨୬।୩ (ଡି.ଏନ.ଏ.):** ନୂଆପଡା ଜିଲାର ପ୍ରମୁଖ ୩ଟି ସହରରେ ଲାଗୁ ହେଲା ନୋ ଏଣ୍ଟ୍ରି ଜୋନ। ଜିଲାର ଖରିଆର ରୋଡ, ନୂଆପଡା, ଖଡିଆଳ ଦେଇ ଯାଇଥିବା ୫୩୫ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଶହ ଶହ ମାତ୍ରାରେ ଭାରିଯାନ ଯିବା ଆସିବା କରିଥାଏ। ଫଳରେ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଦେଖିବାକୁ ମିଳିଥାଏ। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ପାଇଁ ଜିଲାପାଳ ସ୍ୱାଧାଦେବ ସିଂ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ନୋ ଏଣ୍ଟ୍ରି ଜୋନ ଘୋଷଣା କରିଛନ୍ତି। ଏ ନିୟମ ସକାଳ ୮ଘଣ୍ଟାରୁ ରାତ୍ରି ୮ଘଣ୍ଟା ପର୍ଯ୍ୟନ୍ତ ଲାଗୁ ରହିବ ଏବଂ ଅତିଆବଶ୍ୟକ ସାମଗ୍ରୀ ଥିବା ଯାନବାହନ ଯାହାକି ଦିନକ ମଧ୍ୟରେ ରପ୍ତାନି ଖରାପ ହୁଏ ସେହିସବୁ ଯାନବାହନ ବ୍ୟତିତ ଅନ୍ୟ ସବୁ ଭାରିଯାନ ବନ୍ଦ ରହିବ।

### କଳାହାଣ୍ଡି ଅମଲା ସଂଘ କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା, ୨୬।୩ (ଡି.ଏନ.ଏ.):** ଓଡିଶା ରାଜ୍ୟ ଅମଲା ସଂଘ କଳାହାଣ୍ଡି ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଭବାନୀପାଟଣାସ୍ଥିତ ଅମଲା ଭବନରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସୁକାନ୍ତ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କନିଷ୍ଠ ସହାୟକଙ୍କ ଦରମା ୩୫, ୪୦୦ ଟଙ୍କା କରିବା, ଠିକା ନିଯୁକ୍ତିପ୍ରଥା ଉଚ୍ଛେଦ କରିବା, ସପ୍ତମ ବେତନ କମିଶନ ଅନୁସାରେ ଘରଭଡା ପ୍ରଦାନ କରିବା ଆଦି ବିଷୟରେ ସରକାରଙ୍କୁ ଜଣାଇବା ପାଇଁ ଆଲୋଚନା ହୋଇଥିଲା। ଯଦି ସରକାର ଏହା ଉପରେ କୌଣସି ପଦକ୍ଷେପ ନେବେନାହିଁ, ସଂଘ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଆଲୋଚନା ହୋଇଥିଲା। କୋଷାଧକ୍ଷ ମନୋରଞ୍ଜନ ଛତ୍ରପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଭିମନ୍ୟୁ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ରୂପକିଶୋର ଦଳେଇ, ବିଶ୍ୱନାଥ ମୁଣ୍ଡ, ତ୍ରିବିକ୍ରମ ଶଗଡିଆ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନ ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୬।୩ (ଡି.ଏନ.ଏ.):** ଆଇ.ଟି.ଡି.ଏ. ଥୁଆମୂଳ ରାମପୁର ଆନୁକୁଲ୍ୟରେ ପ୍ରକଳ୍ପ ପ୍ରଶାସନ ବିରଞ୍ଚି ନାରାୟଣ ଦରୱାନଙ୍କ ପୌରହିତରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଆଇନ୍ ନିୟମାବଳୀ ସହିତ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟରେ ଚାଲିଥିଲା ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଆଇନଜୀବୀ ଚିତ୍ତରଞ୍ଜନ ବେହେରା କିର୍ତ୍ତନ ନାଏକ, ଶୁରେସ ଚନ୍ଦ୍ର ସଂଗ୍ରାମ, ନିରାକାର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଆକ୍ଟ ଉପରେ ଆଲୋଚନା କରିଥିଲେ। ଡିଡବ୍ଲ୍ୟୁଓ କଳାହାଣ୍ଡି ଅରବିନ୍ଦ ରାୟ, ଟିଡିସିସି ଶାଖା ପରିଚାଳକ ନବଘନ ପ୍ରଧାନ ପ୍ରମୁଖ ଯୋଗଦେଇ ଏସ୍‌ସିଏସ୍‌ଟି ବିଭାଗ ପକ୍ଷରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଅଲୋକପାତ କରିଥିଲେ। ଓପିଇଏଲ୍‌ଆଇପି ପ୍ରକଳ୍ପ ପରିଚାଳକ ଲମ୍ବୋଦର ପ୍ରଧାନ ଏବଂ ଆଇଟିଡିଏ ପ୍ରକଳ୍ପ ପରିଚାଳକ ଅବିନାଶ ମହାନ୍ତି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଓଟିଇଏଲ୍‌ପିର ପିଓସିବି ବିକାଶ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଜୈବିକ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

**ଭବାନୀପାଟଣା, ୨୬।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ଜଗତର ରଙ୍ଗାପଦରସ୍ଥିତ ତାଲିମ କେନ୍ଦ୍ରଠାରେ ସେବା ଜଗତ ଓ ମହାତ୍ମା ଗାନ୍ଧୀ ସେବାଶ୍ରମର ମିଳିତ ଆନୁକୂଲ୍ୟରେ ଜୈବିକ କୃଷି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ତାଲିମ ଶିବିରରେ ଖୋର୍ଦ୍ଧା ଓ କଳାହାଣ୍ଡି ଜିଲାର ୪୦ରୁ ଉର୍ଦ୍ଧ୍ୱ ଆଗଧାଡିର କୃଷକ ଯୋଗଦେଇଥିଲେ। ଶିବିରରେ କୃଷି ପାଇଁ ଜୈବିକ ଖତର ଆବଶ୍ୟକତା ଏବଂ ଏହାର ବିଭିନ୍ନ ମାଧ୍ୟମ ବିଷୟରେ ତାଲିମ ଦିଆଯାଇଥିଲା। ବିଭିନ୍ନ ପ୍ରକାର ଖତର ତିଆରି ପ୍ରଣାଳୀ, ବିହନ ଉପଚାର, ହାଣ୍ଡିଖତ ତିଆରି, ମୃତ୍ତିକା ପ୍ରକାର ଭେଦ ଓ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ଶିବିରରେ ସଙ୍କିର୍ତ୍ତନ ପାଲ ଓ ବୃନ୍ଦାବନ ନାଗ ତାଲିମ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ସେବା ଜଗତର ରୋଶ୍ନାରା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଭଗ୍ନ ଅବସ୍ଥାରେ ଥିବା ସ୍କୁଲ ଗୃହ।



ଅର୍ଦ୍ଧ ନିର୍ମିତ ନୂତନ ସ୍କୁଲ ବିଲ୍ଡିଂ।

# ୧୧ ବର୍ଷ ହେଲା ଭଗ୍ନ ଅବସ୍ଥାରେ ପଡ଼ିଛି

**ସିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟ**

- ଟଙ୍କା ହଡ଼ପ ନେଇ ଗ୍ରାମବାସୀ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ
- ଗଛମୂଳରେ ପଢୁଛନ୍ତି ଛାତ୍ରୀଛାତ୍ର
- ଜିଲାପାଳଙ୍କ ପରିଦର୍ଶନ ପରେ ମଧ ଫଳ ଶୂନ
- ଅର୍ଦ୍ଧନିର୍ମିତ ଅବସ୍ଥାରେ ୨ଟି ବିଲ୍ଡିଂ

**କେସିଙ୍ଗା, ୨୬।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିରୋଲ ଗ୍ରାମପଞ୍ଚାୟତ ସିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ୧୧ ବର୍ଷ ହେବ ୩ଟି ଶ୍ରେଣୀ ଗୃହ, ଗୋଟିଏ ବାରଣ୍ଡା ଭଗ୍ନ ଅବସ୍ଥାରେ ପଡିରହିଛି। ୨୬ ଅଗଷ୍ଟ ୧୯୫୯ରେ ସ୍ଥାପିତ ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ଯାଏ ୩୨୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୀର୍ଘ ୧୧ ବର୍ଷ ଧରି ଶ୍ରେଣୀ ଗୃହ ଭଗ୍ନ ଅବସ୍ଥାରେ ପଡି ରହିଥିଲେ ସୁଦ୍ଧା ଶିକ୍ଷା ବିଭାଗ ଦୂରଦୃଷ୍ଟି ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ଗଛମୂଳରେ ପାଠ ପଢୁଛନ୍ତି। ଶ୍ରେଣୀ ଗୃହଗୁଡିକର କବାଟ, ଝରକା, ଶ୍ରେଣୀଗୃହ ଛାତ ମଧ ଉଇ ଲାଗି ଭାଙ୍ଗି ନଷ୍ଟ ହୋଇଯାଇଛି। ବିଦ୍ୟାଳୟର ପଛପଟେ ଗତ ୨୦୧୩-୧୪ରେ ୭ ଲକ୍ଷ ବ୍ୟୟ ଅଟକଳରେ ଗୋଟିଏ ବିଲ୍ଡିଂ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। କିନ୍ତୁ ତତ୍କାଳୀନ ପ୍ରଧାନଶିକ୍ଷକ ଓ ଶିକ୍ଷା କମିଟି ସଭାପତି ମିଶି ଅର୍ଦ୍ଧ ନିର୍ମିତ ବିଲ୍ଡିଂ ନିର୍ମାଣ କରି ପ୍ରାୟ ୪ ଲକ୍ଷ ଟଙ୍କା ଅର୍ଥ ଆତ୍ମସାତ କରିଥିବା ନେଇ ଗ୍ରାମବାସୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ପ୍ରଧାନଶିକ୍ଷକଙ୍କୁ ଭିଜିଲାନ୍ସ ଚଢ଼ାଉ କରାଯାଇ ପ୍ରଧାନଶିକ୍ଷକ ପଦବୀରୁ ବହିଷ୍କାର କରାଯାଇଥିଲା। ସେହିପରି ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଅଙ୍ଗନୱାଡି ପଛପଟେ ନୂଆ ଏକ ବିଲ୍ଡିଂ ପାଇଁ ୬ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିଲା। ଏହା ମଧ୍ୟ ସ୍କୁଲ ଶିକ୍ଷା କମିଟି ସଦସ୍ୟ ଓ ପ୍ରଧାନଶିକ୍ଷକଙ୍କ ମିଳିତ ଉଦ୍ୟମରେ ଗୋଟିଏ ବିଲ୍ଡିଂ ନିର୍ମାଣ କରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପକାଇ ଦେଇଥିବା ଜଣାପଡିଛି। ବିଦ୍ୟାଳୟ ଉନ୍ନତି ପାଇଁ ଯେତିକି ଅର୍ଥ ଆସୁଛି ତାହା ଆତ୍ମସାତ କରି ଚାଲିଛନ୍ତି। ବର୍ତ୍ତମାନ ପ୍ରଧାନଶିକ୍ଷକ ଗତ ଜାନୁୟାରୀଠାରୁ ନୂତନ ଦାୟୀତ୍ୱ ନେବା ଦିନଠାରୁ ମଧ ତଦୃପ। ବାର୍ଷିକ ଏହି ବିଦ୍ୟାଳୟ ପାଇଁ ଖେଳ ସାମଗ୍ରୀ, କମ୍ପୋଜିଟ ଗ୍ରାଣ୍ଟ, ଲାଇବ୍ରେରୀ ଆଦି ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ ବର୍ତ୍ତମାନ ପ୍ରଧାନଶିକ୍ଷକ ଶିକ୍ଷା କମିଟିକୁ ନ ଜଣାଇ ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଛନ୍ତି। ବିଦ୍ୟାଳୟ ବାଡାରେ କଲର ମାରିବା, ପାଇପ ଲାଇନ ସଂଯୋଗ, ଟେରାକୁଟା କରିବା, ଅଫିସ ଷ୍ଟେଶନାରୀ ସାମଗ୍ରୀ, ଜେରକ୍ସ, ପଙ୍ଖା ପ୍ରଭୃତି ସାମଗ୍ରୀ କିଣାରେ ମିଥ୍ୟା ବିଲ ଭାଉଚର କରିଥିବା, ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଶୃଙ୍ଖଳା ଖାଦ୍ୟରେ ମଧ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଫେବୃୟାରୀ ୨୦୨୦ରେ ଜିଲାପାଳ ଏହି ବିଦ୍ୟାଳୟ ପରିଦର୍ଶନ କରିଥିଲେ ସୁଦ୍ଧା ଉନ୍ନତିମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଳୟ କୁମାର ମହାପାତ୍ରଙ୍କୁ ବିଭିନ୍ନ ସମସ୍ୟା ନେଇ ପଚାରିବାରୁ ମୁଁ କହିବିନାହିଁ, ମୋ ଅଥରେଟିଙ୍କୁ ପଚାରି ବୁଝିନିଅ କହିଥିଲେ।

## ପ୍ଲଟିଂ ପାଇଁ ଚାଲିଛି ପ୍ରସ୍ତୁତି

**ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି**

**କାମଟିକ୍ରା, ୨୬।୩ (ଡି.ଏନ.ଏ)**

ଗରିବ ଭୂମିହୀନ ଲୋକଙ୍କୁ ଥଇଥାନ ନିମନ୍ତେ ସରକାରଙ୍କ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଘରଡିହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଅନେକ ଯୋଗ୍ୟ ପରିବାର ଏହି ଯୋଜନାର ସୁବିଧା ପାଇପାରୁ ନାହାନ୍ତି। ପ୍ରଶାସନିକ ସ୍ତରରେ ମଧ ଗରିବ ଲୋକଙ୍କୁ ଘର ଡିହ ଯୋଗାଇ ଦେବା ପାଇଁ ପ୍ରାଥମିକତା ଦିଆଯାଉନାହିଁ। ବରଗଡ଼ ଜିଲା ଅତାବିରା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଅନେକ ଗରିବ ପରିବାର ଘରଡିହ ପାଇଁ ଆଦେଶପତ୍ର ପାଇଥିଲେ ମଧ ବର୍ଷ ବର୍ଷ ଧରି ଜାଗା ଚିହ୍ନଟ ହୋଇପାରୁନି। ଅନ୍ୟପକ୍ଷେ ଜମି ମାଫିଆମାନେ ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରି ନିଜ କବ୍‌ଜାକୁ ନେବାରେ ଲାଗିଛନ୍ତି। ପ୍ରଶାସନ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏବେ ଅତାବିରାରେ ସରକାରୀ ଜମି ପ୍ଲଟିଂ ପାଇଁ ପ୍ରସ୍ତୁତି ଚାଲିଛି। ଗତ ୮ ତାରିଖରେ ଅତାବିରା ବ୍ଲକ ଯାଦବ ସମାଜ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଏ ନେଇ ଲିଖିତ ଅଭିଯୋଗ କରିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ଅତାବିରା ତହସିଲଦାର ଭୋଇଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ । ଆର୍‌ଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ।

## ରେଲ୍‌ୱେ ଠିକାଦାର କ୍ୟାମ୍ପରେ ଦୁର୍ବୃତ୍ତଙ୍କ ଆକ୍ରମଣ

**ଜଣେ ଗୁରୁତର, ମହିଳା ଶ୍ରମିକଙ୍କୁ ବଳାତ୍କାର ଉଦ୍ୟମ**

**କେସିଙ୍ଗା, ୨୬।୩ (ଡି.ଏନ.ଏ.)**

ସମ୍ବଲପୁର ରେଲ୍‌ୱେ ଡିଭିଜନ ଅଧୀନ କେସିଙ୍ଗା ଷ୍ଟେଶନ ଗୋଦାମ ନିକଟରେ ଥିବା ରେଲୱେ ଠିକାଦାରଙ୍କ କ୍ୟାମ୍ପ ଉପରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। କ୍ୟାମ୍ପରେ ଥିବା ୨୦ଜଣ ପୁରୁଷ, ମହିଳା ଓ ଯୁବତୀ ଶ୍ରମିକଙ୍କୁ ମାଡ ମାରିବା ସହ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ନେଇ କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୧୦୮/୨୧) ରୁଜୁ ହୋଇଛି। ସୂଚନା ଯେ, ଗୁରୁବାର ରାତିରେ କ୍ୟାମ୍ପରେ ଶ୍ରମିକମାନେ ଖାଇବା ପରେ ଶୋଇପଡ଼ିଥିଲେ। ୯ଟା ୨୦ ମିନିଟରେ ଏକ ବୋଲେରୋରେ ପ୍ରାୟ ୧୦ଜଣ ଦୁର୍ବୃତ୍ତ ଆସି ବିଅର ପିଇବା ପାଇଁ ଗ୍ଲାସ ମାଗିଥିଲେ। ଆମ ପାଖରେ ଗୋଟିଏ ଗ୍ଲାସ ଅଛି, ସେଥିରେ ପାଣି ପିଉଛୁ, ଦେଇ ପାରିବୁ ନାହିଁ ବୋଲି କହିବାରୁ ଦୁର୍ବୃତ୍ତମାନେ ଠେଙ୍ଗାରେ ଶ୍ରମିକଙ୍କୁ ମାଡ ମାରିବା ସହିତ ମହିଳା ଓ ଯୁବତୀମାନଙ୍କୁ ବଳାତ୍କାର ପାଇଁ ଉଦ୍ୟମ କରିଥିଲେ। କ୍ୟାମ୍ପରୁ ୨ଟି ମୋଟରସାଇକେଲ, ୨ଟି ମୋବାଇଲ ଓ ୪ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପରେ ରେଲୱେ ଠିକାଦାରଙ୍କ ରାତି ଜଗୁଆଳି ବୈକୁଣ୍ଠ କରୁଆଙ୍କୁ ଫୋନ କରିବାରୁ ଘଟଣା ସ୍ଥଳରେ ୫ ଜଣ ଆସିଥିଲେ। ସେମାନଙ୍କୁ ମଧ ଠେଙ୍ଗାରେ ଆକ୍ରମଣ କରିଥିବାରୁ ବୈକୁଣ୍ଠଙ୍କ ହାତ ଭାଙ୍ଗିଯାଇଛି। କେସିଙ୍ଗା ଆଇଆଇସି ଏ.କେ. ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ।



ଦୁର୍ବୃତ୍ତଙ୍କ ଠେଙ୍ଗାରେ ମାଡ଼ରେ ହାତ ଭାଙ୍ଗିଥିବା ରାତ୍ରି ଜଗୁଆଳି।

## ସୁନାବେଡ଼ା ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୨୬।୩**

ନୂଆପଡ଼ା ଜିଲା ସୁନାବେଡାବାସୀଙ୍କ ସମସ୍ୟା ନେଇ ଶୁକ୍ରବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ ଓ ସହ ଆବାହକ ବସନ୍ତ ସିଂହ ଠାକୁର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତବାସୀ ବିଭିନ୍ନ ମୌଳିକ ସୁବିଧାରୁ ଦୀର୍ଘଦିନରୁ ବଞ୍ଚିତ। ଜିଲା ପ୍ରଶାସନର ଅବହେଳା ଯୋଗୁ ଛତିଶଗଡରେ ମିଶିବାକୁ ଚେତବନୀ ଦେବା ପରିପ୍ରେକ୍ଷୀରେ ଏହି ଦାବି ପ୍ରଦାନ କରାଯାଇଛି। ପହରିଆ ସମ୍ପ୍ରଦାୟକୁ ତୁରନ୍ତ ଆଦିବାସୀ ମାନ୍ୟତା, ସିବିଡିଏ ସଂସ୍ଥାରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ, ଦୁର୍ଗମ ଅଞ୍ଚଳରେ ଫୋନ ଟାୱାର ସ୍ଥାପନ, ଅଭୟାରଣ୍ୟରେ କୋର ଜୋନକୁ ବାଦ ଦେଇ ବଫର୍ସ ଜୋନ, ଲଘୁବନଜାତ ଦ୍ରବ୍ୟ ଓ କେନ୍ଦୁପତ୍ର ସଂଗ୍ରହ ଅଧିକାର, ଉଚ୍ଚ ଶିକ୍ଷା ପାଇଁ ଏକ ଆବାଶିକ କଲେଜ, ଗଭୀର ନଳକୂପ ଓ ସୋଲାର ପମ୍ପ ଯୋଗଇ ଜଳସେଚନ ସୁବିଧା, ସୁନାବେଡା ଡାକ୍ତରଖାନାରେ ଡାକ୍ତର ସହିତ ସମସ୍ତ ଖାଲି ପଦବୀ ପୂରଣ କରାଯାଉ ବୋଲି ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଦାବି କରାଯାଇଛି।

## ବର୍ଷାଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ



ନୃତ୍ୟ ମାଧ୍ୟମରେ ବର୍ଷାଜଳ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରାଯାଉଛି।

**ବରଗଡ଼ ଅଫିସ୍,୨୬।୩**

ବରଗଡ଼ର ନେହେରୁ ଯୁବକେନ୍ଦ୍ର ଏବଂ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରାଳୟ ପକ୍ଷରୁ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ବର୍ଷାଜଳ ସଂରକ୍ଷଣ ଉପରେ ଏକ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ଗୋବିନ୍ଦପାଲି ଛକ, ବସଷ୍ଟାଣ୍ଡ ଛକ, ଗାନ୍ଧିଛକ, ବାନ୍ଧୁଟିକ୍ରା ଛକ ଏବଂ ଭଟଲି ଛକରେ ନୃତ୍ୟ ମାଧ୍ୟମରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଜାତୀୟ ଜଳ ମିଶନ ଦ୍ୱାରା ପ୍ରଯୋଜିତ ଏହି କାର୍ଯ୍ୟକ୍ରମ ଦ୍ୱାରା ପୃଥିବୀର ମଧୁର ଜଳ ସଂରକ୍ଷଣ ଏବଂ ସମୁଚିତ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। କନକ ଦଣ୍ଡସନା, ବର୍ଷା ଠାକୁର, ରୁନାଲିସା ମାଝି, ଅଶୋକ ନାଗ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଯୁବ ସଂଯୋଜକ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୧୦ ଆହତ

**ବୌଦ୍ଧ,୨୬।୩(ସ୍ୱ.ପ୍ର)**

ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖଜୁରୀପଡା ଠାରେ ଗୁରୁବାର ବିଳମ୍ବିତ ରାତିରେ ଯାତ୍ରୀବାହୀ ବସ୍ ଓ ମାଲବାହୀ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍‌ରେ ଥିବା ବାରୁ ୧୦ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୩ଜଣଙ୍କ ଅବସ୍ଥା ଗୁରୁତର ଅଛି। ସମସ୍ତ ଆହତଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ଯାତ୍ରୀଙ୍କୁ ବିକଳ୍ପ ବ୍ୟବସ୍ଥା କରାଯାଇ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ଶୁକ୍ରବାର ସକାଳେ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଗୁରୁବାର ରାତିରେ ତିରୁପତି ନାମକ ଏକ ଯାତ୍ରୀବାହୀ ନାଇଟ୍ କୋଚ୍ ବସ୍ ଭୁବନେଶ୍ୱରରୁ ବାହାରି ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ଖଜୁରୀପଡା ଠାରେ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

## ସହକାରୀ କୃଷି ଅଧିକାରୀ ନିଲମ୍ବିତ

**ନୂଆପଡ଼ା ଅଫିସ,୨୬।୩**

ନୂଆପଡା ଜିଲା ସହକାରୀ କୃଷି ଅଧିକାରୀ ଜଗନ୍ନାଥ ସେନାପତିଙ୍କୁ କାର୍ଯ୍ୟରେ ଅବହେଳା ଓ ଅସାମାଜିକ କାର୍ଯ୍ୟକଳାପ ପାଇଁ ନିଲମ୍ବିତ କରାଯାଇଛି। ରାଜ୍ୟ କୃଷି ଓ କୃଷକ ସଶକ୍ତିକରନ ବିଭାଗ ଚିଠି ସଂଖ୍ୟା ୫୮୬୬ରେ ରାଜ୍ୟ ସରକାରଙ୍କ ସରକାରୀ ନିୟମ ଅବମାନନା ନିୟମ ୧୯୫୯ ଅନୁସାରେ ନିୟମ ୩, ୪, ୨୦ ଓ ୨୩ରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଚିଠିରେ ଦର୍ଶାଯାଇଛି। ଗତ ୧୬ ତାରିଖରେ ମୁଖ୍ୟ ଶାସନ ସଚିବ ମୁଖ୍ୟ ଜିଲା କୃଷୀ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ସେ ପୂର୍ବରୁ ଅସାମାଜିକ କାର୍ଯ୍ୟ ଓ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଥିଲା।

## ବ୍ଲକ ଶିକ୍ଷା ସହାୟକ ସଂଘ ନୂତନ କର୍ମକର୍ତ୍ତା ଚୟନ

**କର୍ଲାମୁଣ୍ଡା, ୨୬।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟରତ ୨୦୧୮ ବ୍ୟାଚର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ କେସିଙ୍ଗାସ୍ଥିତ ବେଲଖଣ୍ଡି ଶିବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ଶିକ୍ଷକ ପ୍ରଶନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ୨୦୧୮ ବ୍ୟାଚର ନିଯୁକ୍ତି ପାଇଥିବା ୩୧ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ସଙ୍ଗଠନକୁ ମଜଭୁତ କରିବା ଉପରେ ଆଲୋଚନା କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ମନୋଜ କୁମାର ଦାସ, ଉପସଭାପତି ସସ୍ମିତା ସାହୁ, ସମ୍ପାଦକ ଚର୍ଚ୍ଚିଲ ସାହୁ, କୋଷାଧକ୍ଷ ତୃପ୍ତି ରଞ୍ଜନ ନାଥ, ସଂଯୋଜକ ହିମାଂଶୁ ଶେଖର ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।



## ଜେସିବିରେ ଘାଟରୁ ବାଲି ଉଠାଣ

- ବାଲି ଶେଷ ହୋଇ ମାଟି ବାହାରୁଛି
- ଆଗାମୀ ଦିନରେ ସମସ୍ୟା

**ଖଡିଆଳ, ୨୬।୩ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମଦେଇ ଯାଇଥିବା ସୁନ୍ଦର ନଦୀରେ ବାଲି ଉଠାଣ ପାଇଁ ଜେସିବି ବ୍ୟବହାର ହେଉଛି। ଫଳରେ ନଦୀ ଘାଟରୁ ବାଲି ଶେଷ ହେବାକୁ ବସିଥିବା ବେଳେ କେବଳ ମାଟି ବାହାରୁଛି। ଅପରପକ୍ଷେ ନଦୀ ଘାଟରୁ ବାଲି ଉଠାଣ ପାଇଁ ହୀରୋ କୁମାର ବାଗଙ୍କୁ ନିୟମ ମୁତାବକ ଚୁକ୍ତି ହୋଇଥିବା ବେଳେ ଜେସିବି ଦ୍ୱାରା ବାଲି ଉଠାଇବା ଆଇନରେ କୌଣସି ବ୍ୟବସ୍ଥା ନାହିଁ। ବାଲି ଉଠାଣ ସ୍ଥାନରୁ ମାତ୍ର ୧୦୦/୨୦୦ ମିଟର ବ୍ୟବଧାନରେ ନେହେନା ଗ୍ରାମକୁ ପାନୀୟ ଜଳ ବଣ୍ଟନ ପ୍ରକଳ୍ପ ରହିଛି। ଆଗାମୀ ଦିନରେ ନଦୀର ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଦେଖାଦେବା ଆଶଙ୍କା ରହିଛି। ଏହି ଘଟଣା ନେଇ ଜିଲାପାଳ, ଉପଜିଲାପାଳ ଏବଂ ଖଡିଆଳ ତହସିଲଦାରଙ୍କୁ ଲିଖିତ ଜଣାଇଛନ୍ତି। ବାଲି ଘାଟ ଲିଜ ପାଇଥିବା ହୀର କୁମାର ବାଗଙ୍କୁ ମଧ ଘଟଣା ସମ୍ପର୍କରେ ଯୋଗାଯୋଗ କରିଥିଲୁ। ଜିଲାବ୍ୟାପି ଜେସିବି ଦ୍ୱାରା ବାଲି ଉଠାଣ ହେଉଛି। ତେଣୁ ମୁଁ ମଧ ଜେସିବିରେ ବାଲି ଉଠାଣ କରୁଛି। ନଚେତ ମୋର ଲିଜ ବାତିଲ କର ବୋଲି ସେ ପ୍ରକାଶ କରିଛନ୍ତି। ଏ ନେଇ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କୁ ପଚାରିବାରୁ ଠିକାଦାରଙ୍କୁ ଡାକି ଏହାର ସମାଧାନ କରିବା ସହିତ ଜେସିବି ନ ଲଗାଇବାକୁ କହିଥିଲେ ଏବଂ ନଦୀର ପାଣିକୁ ଛାଡିବାକୁ କହିଥିଲେ।



ଜେସିବିରେ ଘାଟରୁ ବାଲି ଉଠାଣ କରାଯାଉଛି।

